## ବଡ଼ଗାଁରେ ପ୍ରତିଭା ଚୟନ ପାଇଁ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ୨୫ରୁ ଆରମ୍ଭ

ବଡ଼ଗାଁ,(ଡି.ଏନ୍.ଏ.):ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ମିନି ଷ୍ଟାଡିୟମଠାରେ ଆସନ୍ତା ୨୫ ତାରିଖଠାରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଜିଲା କ୍ରୀଡା ସଂସଦ ପକ୍ଷରୁ ପ୍ରତିଭା ଚୟନ ଉଦ୍ଦେଶ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ବଡ଼ଗାଁ ଜୟ ହିନ୍ଦ କ୍ଲବ ସହଯୋଗରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରୁଥିବା ସମସ୍ତ ଟିମ୍‌ର ଖେଳାଳି ସେମାନଙ୍କ ଆଧାର କାର୍ଡ ଦାଖଲ କରିବେ। ଟିମ୍‌ର ପ୍ରବେଶିକା ଦେୟ ଶହେ ଟଙ୍କା ରଖାଯାଇଛି। ଟୁର୍ଣ୍ଣାମେଣ୍ଟ ଫିଫା ନିୟମ ଅନୁସାରେ ପରିଚାଳିତ ହେବ। ଟିମ୍‌ଗୁଡ଼ିକ ୯୯୩୮୧୭୬୫୫୦, ୭୦୭୭୪୮୮୦୧ରେ ଯୋଗାଯୋଗ କରି ସବିଶେଷ ବୁଝିପାରିବେ। ଚାମ୍ପିୟନ ଟିମ୍‌କୁ ୭ ଓ ରନର୍ସ ଅପ୍ ଟିମ୍‌କୁ ୫ ହଜାର ଟଙ୍କା ପୁରସ୍କୃତ କରାଯିବ।

**ସଂକ୍ଷେପରେ**

### ପାଣିଟାଙ୍କି ଉପରୁ ଖସିପଡ଼ି ଠିକାଶ୍ରମିକ ଆହତ

ଝାରସୁଗୁଡ଼ା ଅଫିସ,୧୮।୮: ଆର୍‌ଡବ୍ଲ୍ୟୁଏସ୍‌ଏସ୍ ତରଫରୁ ବନ୍ଧବାହାଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୮ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ ଚାଲିଛି। ଏଥିରେ ଏଲ୍‌ଆଣ୍ଡଟି ଠିକାସଂସ୍ଥା ନିୟୋଜିତ ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ଜଣେ କାର୍ଯ୍ୟରତ ଠିକା ଶ୍ରମିକ ଟାଙ୍କିର ୫୦ଫୁଟ୍ ଉଚ୍ଚତାରୁ ତଳକୁ ଖସିପଡି ଆହତ ହୋଇଛନ୍ତି। ସେ ହେଲେ ପଶ୍ଚିମବଙ୍ଗ ଉତ୍ତରଦିନାଜ ଚକଲିଆ ଅଞ୍ଚଳର ରହିମ୍ ଆଲ୍ଲମ୍ (୨୦)। ତାଙ୍କର ମୁଣ୍ଡ, ପିଠି ଓ ମେରୁଦଣ୍ଡରେ ଆଘାତ ଲାଗିଛି । ଅନ୍ୟ ଶ୍ରମିକମାନେ ତାଙ୍କୁ ସ୍ଥାନୀୟ ଏମ୍‌ସିଏଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ପରେ ବେଲପାହାଡ ସ୍ଥାନାନ୍ତର କରାଯାଇଛି। ଅଧିକ ଚିକିତ୍ସା ଆବଶ୍ୟକ ଥିବାରୁ ତାଙ୍କୁ ବାହାରକୁ ପଠାଇବା ପାଇଁ ଆହତ ଶ୍ରମିକ ବାପା ଦାବି କରିଛନ୍ତି। ଏ ନେଇ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠଯନ୍ତ୍ରୀ ବିଜୟ ଅଟି କହିଛନ୍ତି, ବିଭାଗ ତରଫରୁ କାମ ତଦାରଖ କରାଯାଉଛି। ଶ୍ରମିକ ସୁରକ୍ଷା ଦିଗରେ ନିୟମ ପାଳନ ପାଇଁ ଏଲ୍‌ଆଣ୍ଡଟି କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ଏହାର ତଦନ୍ତ କରାଯିବ। ଏଲ୍‌ଆଣ୍ଡଟି କମ୍ପାନୀର ସେକ୍ସନ୍ ଇନ୍‌ଚାର୍ଜ ନରେନ୍ଦ୍ର ପ୍ରସାଦଙ୍କୁ ପଚାରିବାରୁ ପାଣିଟାଙ୍କି କାମ ତଦାରଖ କରୁଥିବା ସୁପରଭାଇଜର ଏ ସମ୍ପର୍କରେ କହିପାରିବେ ବୋଲି କହି ଏଡାଇ ଦେଇଥିଲେ। ଜିଲା ଶ୍ରମ ଅଧିକାରୀ ପାଣ୍ଡବ ଜେନା କହିଛନ୍ତି, ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଠିକାସଂସ୍ଥା ଉପରେ ପଦକ୍ଷେପ ଗ୍ରହଣ କରାଯିବ।

### ବିଦ୍ୟାଳୟ ଉନ୍ନୟନ ପରିଷଦ ତାଲିମ କର୍ମଶାଳା

କୁତ୍ରା,୧୮।୮ (ଡି.ଏନ.ଏ)-ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ବିଦ୍ୟାଳୟ ପରିଚାଳନା କର୍ମଚାରୀ ଓ ଉନ୍ନୟନ ପରିଷଦର ତାଲିମ କର୍ମଶାଳା ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ଏମ୍‌ସି ସଦସ୍ୟ ଅଂଶ ଗ୍ରହଣ କରି ତାଲିମ ନେଇଥିଲେ । ପ୍ରାରମ୍ଭରେ ଏହି ସଭାକୁ ମୋ ସ୍କୁଲ ଅଭିଯାନ ସଭାପତି ଶଙ୍କରପ୍ରଶାଦ ଟପ୍ପୋ , ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲାଲମୋହନ ନାଏକ, ସୁରେଶ ଚନ୍ଦ୍ର ଟପ୍ପୋ ପ୍ରମୁଖ ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ସଭାକାର୍ଯ୍ୟକୁ ବିଭୀଷଣ ବାରିକ ପରିଚାଳନା କରିବା ସହ ୫-ଟି ଅନ୍ତର୍ଭୁକ୍ତ ବିଭିନ୍ନ ଉନ୍ନୟନ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ପରେ ଅନୁୱାର ଅହମ୍ମଦ ସହଯୋଗ-୨ ଆଧାରରେ ଉପସ୍ଥିତ ସଦସ୍ୟ ସଦସ୍ୟାଙ୍କୁ ତାଲିମ ପ୍ରଦାନ କରିଥିଲେ ।

### ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ

କୁତ୍ରା, ୧୮।୮ (ଡି.ଏନ.ଏ.)-ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁତ୍ରା ବିଇଓ ଗୁରୁଚରଣ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହେମନ୍ତ କୁମାର ସିଂ, ପ୍ରଧାନ ଶିକ୍ଷକ ଥୋମାସ ବିଲଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ । କୁତ୍ରା ବିଇଓ ବୃକ୍ଷରୋପଣର ଉପକାରିତା ଓ ପ୍ରତ୍ୟେକ ପିଲା ବିଦ୍ୟାଳୟ ଛଡା ନିଜ ଘର ଚାରି ପାଖରେ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସବୁଜ ବାହିନୀ ଛାତ୍ରୀଛାତ୍ର ତଥା ଶିକ୍ଷକ ନିତ୍ୟାନନ୍ଦ ବେହେରା, ମମତା ସ୍ୱାଇଁ, କୁମାରୀ ଜୟପୁରିଆ, ଗୋପାଳକୃଷ୍ଣ ଦାସ, ଭିକାରୀ ଦାସ, ପ୍ୟାରେଲାଲ ସାହୁ, ବିଜୟ କେରକେଟା, ଉଦିତ ସିଂ, ରବି କୁମାର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ସୁନ୍ଦରଗଡ଼କୁ ମରୁଡ଼ି ଅଞ୍ଚଳ ଘୋଷଣା କରାଯାଉ

- ଆବଶ୍ୟକ ବର୍ଷା ଅଭାବ ଯୋଗୁ ଖରିଫ ଚାଷ ପ୍ରଭାବିତ ହୋଇ ମରୁଡି ଜନିତ ପରିସ୍ଥିତି ସୃଷ୍ଟି
- ସୁନ୍ଦରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ମରୁଡି ଅଞ୍ଚଳ ଘୋଷଣା, ଚାଷୀ ସମସ୍ୟାର ସମାଧାନ ଦାବି
- କୃଷି ଓ ସମବାୟ ମନ୍ତ୍ରୀଙ୍କୁ ଭେଟିଲେ ସୁନ୍ଦରଗଡ଼ ଜିଲାର ଚାଷୀ ପ୍ରତିନିଧି ଦଳ

ସୁନ୍ଦରଗଡ଼, ୧୮।୮(ଡି.ଏନ୍.ଏ.)

ଅନିୟମିତ ବର୍ଷା ଯୋଗୁ ଚାଷ ଉଜୁଡ଼ି ଯାଇଛି। ସୁନ୍ଦରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ସଦର, ଟାଙ୍ଗରପାଲି, ଲେଫ୍ରିପଡ଼ା ଓ ହେମଗିର ବ୍ଲକକୁ ମରୁଡି ଅଞ୍ଚଳ ଘୋଷଣା କରାଯାଉ ବୋଲି ଦାବି ହୋଇଛି। ଏହି ଦାବି ସହ ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ନେଇ ଚାଷୀ ପ୍ରତିନିଧି ଦଳ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଓ ସମବାୟ ବିଭାଗମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭେଟି ଆଲୋଚନା କରିଛନ୍ତି। ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେଙ୍କ ପ୍ରତିନିଧି ଅସୀମ ପଟେଲ, ବିମଳ ପଟେଲ ଓ ସୁରେନ୍ଦ୍ର ପଟେଲଙ୍କ ନେତୃତ୍ୱରେ ଏକ ଚାଷୀ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ କୃଷିଭବନଠାରେ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭେଟିଥିଲେ। ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀର ୪ଟି ବ୍ଲକରେ ଆବଶ୍ୟକ ବର୍ଷା ଅଭାବ ଯୋଗୁ ଚଳିତ ଖରିଫ ଚାଷ ପ୍ରଭାବିତ ହୋଇ ମରୁଡିଜନିତ ପରିସ୍ଥିତି ସୃଷ୍ଟି ହୋଇଛି। ଏଣୁ ଏହି ୪ଟି ବ୍ଲକକୁ ମରୁଡି ଘୋଷଣା ସହ ଫସଲ ବୀମା ପାଇଁ ଚାଷୀ ପଞ୍ଜିକରଣ ତାରିଖ ଅବଧି ବୃଦ୍ଧି କରିବା, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ଚାଷୀଙ୍କୁ ଫସଲ ଋଣ ଯୋଗାଇ ଦେବା, ବନ୍ଧକଟାଗୁଡିକର ପୁନରୁଦ୍ଧାର, କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକର ମରାମତି ଓ ନୂତନ ପ୍ରକଳ୍ପ କରାଯିବା ନେଇ କୃଷିମନ୍ତ୍ରୀଙ୍କୁ ବିଧାୟିକାଙ୍କ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ସମବାୟ ମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିପତ୍ରରେ ଚାଷୀଙ୍କ ଧାନକିଣା ପାଇଁ ଚାଷୀଙ୍କୁ ଲ୍ୟାମ୍ପସ ତରଫରୁ ଚାଷୀଙ୍କ ପଞ୍ଜିକରଣ ନମ୍ବର ଓ ଟୋକନ ଇସ୍ୟୁ ନେଇ ଯଥାସମୟ ପୂର୍ବରୁ ସୂଚିତ କରାଯିବା, ଜମିର ପରିମାଣ ଅନୁସାରେ ଟୋକନରେ ଧାନର ପରିମାଣ ଉଲ୍ଲେଖ ରହିବା, ଅବଧି ଶେଷ ହୋଇଯାଇଥିବା ଟୋକନକୁ ସକ୍ରିୟ କରାଯାଇ ଧାନ ବିକ୍ରି ପର୍ଯ୍ୟନ୍ତ ଅବଧିକୁ ବୃଦ୍ଧି କରାଯିବା, ଧାନମଣ୍ଡିରେ ଚାଷୀଙ୍କ ଧାନ ବିଭିନ୍ନ ଆଳରେ କଟନୀଛଟନୀକୁ ବନ୍ଦ କରାଯିବା, ସବୁ ଚାଷୀଙ୍କ ଧାନ କ୍ରୟ କରିବାର ସୁବିଧା, ଧାନ ପରିମାଣକୁ ନେଇ ନିଜ ଜିଲାର ମିଲରଙ୍କ ସହିତ ଅନ୍ୟ ଜିଲାର ମିଲରଙ୍କୁ ସାମିଲ କରାଯିବା ପାଇଁ ଦାବି କରାଯାଇଥିଲା।


ଚାଷୀ ପ୍ରତିନିଧି ଦଳ କୃଷିମନ୍ତ୍ରୀ ଅରୁଣ କୁମାର ସାହୁଙ୍କୁ ଭେଟି ଦାବିପତ୍ର ଦେଉଛନ୍ତି।

# କୁତ୍ରା ଉଚ୍ଚ ବିଦ୍ୟାଳୟ ସବୁଜ ବାହିନୀକୁ ପ୍ରକୃତି ମିତ୍ର ପୁରସ୍କାର


କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରକୃତିବନ୍ଧୁ ବିଭୀଷଣ ବାରିକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

କୁତ୍ରା, ୧୮।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ସବୁଜ ବାହିନୀକୁ ତୃତୀୟ ଥର ପାଇଁ ପ୍ରକୃତିମିତ୍ର ପୁରସ୍କାର ମିଳିଛି। ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ସ୍ୱାଧୀନତା ଦିବସ ଅବସରରେ ଜିଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଦ୍ୟାଳୟକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ବିଦ୍ୟାଳୟ ତରଫରୁ ଅନୁଷ୍ଠାନର ବରିଷ୍ଠ ଶିକ୍ଷୟିତ୍ରୀ ବୈଜୟନ୍ତୀ ପଟେଲ ପୁରସ୍କାର ଗ୍ରହଣ କରିଥିବାବେଳେ ମଙ୍ଗଳବାର ଅନୁଷ୍ଠାନ ତରଫରୁ ସବୁଜ ବାହିନୀ ଜିଲା ପ୍ରଶିକ୍ଷକ ପ୍ରକୃତିବନ୍ଧୁ ବିଭୀଷଣ ବାରିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସବୁଜ ବାହିନୀର ସଫଳତା ପାଇଁ ଶୁଭେଚ୍ଛା ପ୍ରଦାନ କରିଥିଲେ। ପ୍ରକୃତି ପରିବେଶର ସୁରକ୍ଷା ଦିଗରେ ବାରିକଙ୍କ ଜୀବନ ବ୍ୟାପି ସାଧନା ତଥା ସବୁଜ ବାହିନୀର ଉଦ୍ୟମ ଆଜି ବିଦ୍ୟାଳୟକୁ ଶୀର୍ଷକ ପହଞ୍ଚାଇଛି ବୋଲି କହିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀଙ୍କ ସମେତ ଦୀପିକା କେରକେଟା, ଆଶାଲତା ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ଅନୁୱର ଅହମ୍ମଦ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଜସ୍ମିନ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସନନାଳି ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

- ହାତୀଦାଉରୁ ରକ୍ଷା କରିବା ପାଇଁ ଗ୍ରାମବାସୀଙ୍କ ନିବେଦନ
- ବନ କର୍ମଚାରୀ ମୁତୟନ, ଅସ୍ଥାୟୀ ବିଟ ପ୍ରତିଷ୍ଠା କରିବାକୁ ଦାବି

ଦେବଗଡ଼,୧୮।୮(ଡି.ଏନ୍.ଏ.)

ଦେବଗଡ଼ ବନଖଣ୍ଡ ବାରକୋଟ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଅସନନାଳି ଗ୍ରାମରେ ହାତୀ ଉପଦ୍ରବ ଯୋଗୁ ଜନସାଧାରଣ ଅତିଷ୍ଠ ହୋଇପଡ଼ିଛନ୍ତି। ପ୍ରତିକାର ଦାବିରେ ବୁଧବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଅସନନାଳି କଟାସାହି ଗ୍ରାମରେ ଗତ କିଛିଦିନ ଧରି ହାତୀ ଉପଦ୍ରବ ଦେଖାଯାଇଛି। ହାତୀପଲ ଗ୍ରାମ ମଧ୍ୟକୁ ପଶି ଆସି ଫସଲ ନଷ୍ଟ କରିବା ସହ ବାସଗୃହ ଆଦି ଭାଙ୍ଗିରୁଜି ନଷ୍ଟ କରୁଛନ୍ତି। ଫଳରେ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଥିବାବେଳେ ବନବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ପାଇଁ ବନବିଭାଗ ତତ୍ପରତା ପ୍ରକାଶ କରୁ ନାହିଁ। ଏନେଇ ଗ୍ରାମର ନିରାକାର ଲୁହୁରା ଓ ଯୋଗେଶ୍ୱର ସାମଲଙ୍କ ସମେତ ବହୁ ପୁରୁଷ ଓ ମହିଳା ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ହାତୀ ଉପଦ୍ରବର ସ୍ଥାୟୀ ସମାଧାନ ପାଇଁ ଦାବି କରିଥିଲେ। ଗ୍ରାମରେ ବନ ବିଭାଗ ପକ୍ଷରୁ ବନ କର୍ମଚାରୀ ମୁତୟନ ସହ ଏକ ଅସ୍ଥାୟୀ ଫରେଷ୍ଟ ବିଟ୍ ପ୍ରତିଷ୍ଠା ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଅସନନାଳୀ ଗ୍ରାମବାସୀ।

# ଶିଶୁପୁତ୍ରକୁ ନିଆଁରେ ପୋଡ଼ି ହତ୍ୟା ଉଦ୍ୟମ

ଦେବଗଡ଼,୧୮।୮(ଡି.ଏନ୍.ଏ.)

ଦେବଗଡ଼ ଥାନା ଅନ୍ତର୍ଗତ ସିରିଗିଡା ଗ୍ରାମରେ ଜଣେ ମାନସିକ ଭିନ୍ନକ୍ଷମ ମହିଳା ନିଜ ଆଠ ମାସର ଶିଶୁ ପୁତ୍ରକୁ ଚୁଲି ନିଆଁରେ ପୋଡ଼ି ହତ୍ୟା ଉଦ୍ୟମ କରିବା ଘଟଣା ଉକ୍ତ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ତେବେ ପରିବାର ଲୋକେ ଗୁରୁତର ଶିଶୁକୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଶିଶୁର ଅବସ୍ଥା ସଂକଟାପନ୍ନ ରହିଛି।

ସୂଚନା ଅନୁଯାୟୀ ସିରିଗିଡା ଗ୍ରାମର ବିଦେଶୀ ପ୍ରଧାନ କାମ ଧନ୍ଦା ନ କରି ଘରେ ରହୁଥିବାବେଳେ ସ୍ତ୍ରୀ ସଂଯୁକ୍ତା ମାନସିକ ଭିନ୍ନକ୍ଷମ ହୋଇପଡିଛନ୍ତି। ତେବେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ସଂଯୁକ୍ତା ନିଜ ଆଠ ମାସର ଶିଶୁ ପୁତ୍ର ବିଭୁକୁ ଘରେ ଜଳୁଥିବା ଚୁଲିରେ ପୁରାଇ ଦେଇଥିଲେ। ଶିଶୁର ଚିତ୍କାର ଶୁଣି ପରିବାରର ଅନ୍ୟ ସଦସ୍ୟମାନେ ସେଠାରେ ପହଞ୍ଚିଥିଲେ। ଚୁଲି ନିଆଁରୁ ଶିଶୁ ପୁତ୍ରକୁ ଉଦ୍ଧାର କରିଥିଲେ। ତୁରନ୍ତ ଡାକ୍ତରଖାନା ନେଇଥିଲେ। ସୂଚନାପାଇ ଚାଇଲ୍ଡ ଲାଇନର କର୍ମକର୍ତ୍ତା ସେଠାରେ ପହଞ୍ଚି ଶିଶୁର ଚିକିତ୍ସା ବ୍ୟବସ୍ଥା କରାଇବା ସହ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶିଶୁ ଏବେ ମଧ୍ୟ ଚିକିତ୍ସାଧୀନ ଥିବାବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଶିଶୁର ଅଭିଭାବକ ଶିଶୁର ଯତ୍ନ ପାଇଁ ସକ୍ଷମ ନ ଥିବାରୁ ପରିବାର ସମ୍ପର୍କୀୟମାନେ ଶିଶୁପୁତ୍ରକୁ କେହି ସହୃଦୟ ବ୍ୟକ୍ତି ପୋଷ୍ୟ ଭାବେ ଗ୍ରହଣ ପାଇଁ ଇଚ୍ଛା ପ୍ରକାଶ କଲେ ହସ୍ତାନ୍ତର କରିବେ ବୋଲି ସୂଚନା ଦେଇଛନ୍ତି।

# ମହାବୀର ପର୍ବତରେ ଭାଗବତ ପାଠ


ମହାବୀର ପର୍ବତରେ ଭାଗବତ ପାଠ କରାଯାଉଛି।

ବଡ଼ଗାଁ, ୧୮।୮ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ମହାବୀର ପର୍ବତରେ ବଡ଼ଗାଁବାସୀ ଶ୍ରାବଣର ଦ୍ୱିତୀୟ ଶନିବାର ହନୁମାନ ଝଣ୍ଡା ସ୍ଥାପନ ଓ ଭାଗବତ ପାଠ କଳାପରେ ବିଭିନ୍ନ ଗ୍ରାମର ଲୋକେ ଝଣ୍ଡା ସ୍ଥାପନ ଓ ରାତିରେ ଭାଗବତ ପାଠ କରିଥାନ୍ତି। ସେ ଅନୁଯାୟୀ ଗତ ରବିବାର ପର୍ବତ ତଳି ସାଲେପାଲି ଗ୍ରାମର ୪୦ ଜଣ ବ୍ୟକ୍ତି ପର୍ବତ ଶିଖରରେ ପୂଜାର୍ଚ୍ଚନା କଳାପରେ ପୋଡ଼ ଗୁହାଳ ଗୁମ୍ଫାରେ ରାତି ଭାଗବତ ପାଠ କରିଛନ୍ତି। ଗ୍ରାମର ନିଳକଣ୍ଠ ସାହୁ, ଜୟଦେବ ସାହୁ, ମିତ୍ରଭାନୁ ସାହୁ, କୈଳାସ ସାହୁ, କାର୍ତ୍ତିକ ସାହୁ, ବିକାଶ ନାଏକ, ଲମ୍ବୋଦର କର୍ସେଲ, ମନୋଜ ସେଠ, ମଣ୍ଟୁ ସାହୁ ପ୍ରମୁଖ ବ୍ୟକ୍ତିମାନେ ପୂର୍ବାହ୍ନରେ ପର୍ବତ ଚଢ଼ି ଝଣ୍ଡା ସ୍ଥାପନ ଓ ପୂଜାର୍ଚ୍ଚନା କରିଥିଲେ।

# କିଟ୍‌ରୁ ସ୍ୱର୍ଣ୍ଣପଦକ ଲାଭ କରିଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ସୁନ୍ଦରଗଡ଼,୧୮।୮(ଡି.ଏନ୍.ଏ.)

ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ୧୭ତମ ସମାବର୍ତ୍ତନ ସମାରୋହରେ ସ୍କୁଲ ଅଫ୍ ଆର୍କିଟେକ୍‌ଚର ଓ ପ୍ଲାନିଂ ବିଭାଗର ସ୍ନାତକ ଶ୍ରେଣୀରେ ସୁନ୍ଦରଗଡ଼ର ଆରଫିନ ସୟିଦ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ତାଙ୍କର ଏହି ସଫଳତା ନେଇ ସୁନ୍ଦରଗଡ଼ରେ ଖୁସିର ଲହରୀ ଖେଳିଯାଇଛି। ସୁନ୍ଦରଗଡ଼ କଳାକାର ମଞ୍ଚ ଏବଂ ପଶ୍ଚିମାଞ୍ଚଳ ଏକତା ମଞ୍ଚ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମଞ୍ଚର କର୍ମକର୍ତ୍ତା ରୋଶନ ସାହୁ, ମନୋଜ ସାହୁ, ଗୋପାଳ ମିସ୍ତ୍ରୀ, ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ଆରଫିନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଝିଅର ଏହି ସଫଳତା ପାଇଁ ତାଙ୍କ ମାଆ ନିଖି ସୟିଦ ଏବଂ ବାପା ହାଜି ଅବଦୁଲ ସୟିଦଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ।


ଆରଫିନ ସୟିଦଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ମହିଳା ମହାବିଦ୍ୟାଳୟର ଶତପ୍ରତିଶତ ପରୀକ୍ଷା ଫଳ

ଲହୁଣୀପଡା, ୧୮।୮(ଡି.ଏନ.ଏ.)

ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡାର ମିଶ୍ରପାଲିଠାରେ ଅବସ୍ଥିତ ଯୋଗମାୟା ମହିଳା ମହାବିଦ୍ୟାଳୟର ଶତପ୍ରତିଶତ ପରୀକ୍ଷା ଫଳ ହୋଇଛି। ଚଳିତବର୍ଷ ଯୁକ୍ତ ୨ କଳା ବାର୍ଷିକ ପରୀକ୍ଷା ପାଇଁ ମୋଟ ୫୫ ଛାତ୍ରୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୦ ପ୍ରଥମ ଶ୍ରେଣୀ ଓ ୧୯ ଦ୍ୱିତୀୟ ଶ୍ରେଣୀ ଏବଂ ୨୬ ଜଣ ତୃତୀୟ ଶ୍ରେଣୀରେ ପାସ କରି ଶତପ୍ରତିଶତ ସଫଳତା ହାସଲ କରିଥିବା ଜଣାପଡିଛି। ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ୧୦ ଜଣଙ୍କ ମଧ୍ୟରୁ ସର୍ବାଧିକ ୪୬୩ ନମ୍ବର ରଖି ସାଗରିକା କିସାନ କଲେଜ ଓ ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛନ୍ତି। କଲେଜର ଛାତ୍ରୀମାନେ ଶତପ୍ରତିଶତ କୃତୀତ୍ୱ ହାସଲ କରିଥିବାରୁ ଅଧକ୍ଷା ଝରଣା ପ୍ରଧାନ ମିଷ୍ଟାନ୍ନ ବଣ୍ଟନ କରି ଖୁସି ସାବ୍ୟସ୍ତ କରିବା ସହିତ ଉତ୍ତୀର୍ଣ୍ଣ ଛାତ୍ରୀଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିବା ଜଣାପଡିଛି।

# ତୃଣମୂଳସ୍ତରରେ ଦଳକୁ ସୁଦୃଢ଼ ଲାଗି ଆହ୍ୱାନ


ଲକ୍ଷ୍ମୀପୋଷଠାରେ ବିଜେଡିର କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା, କର୍ମୀ।

- ବିଜେଡିର ବ୍ଲକ କର୍ମୀ ସମ୍ମିଳନୀ
- ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି

କୁତ୍ରା, ୧୮।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଲକ୍ଷ୍ମୀପୋଷଠାରେ ବୁଧବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକ ଦୁର୍ଗା ସାମନ୍ତରାୟ, ଯୁବ ବିଜେଡି ପର୍ଯ୍ୟବେକ୍ଷକ ଜ୍ୟୋତିରଞ୍ଜନ ସାହୁ, ବ୍ଲକ ସଭାପତି ପ୍ରସନ୍ନ ବାଘ, ବ୍ଲକ ମହିଳା ସଭାପତି କମଳା କୁଜୁର, ଜିଲା ମହିଳା ବିଜେଡି ସମ୍ପାଦିକା ରଜନୀ କୁଲୁ, ବ୍ଲକ ଯୁବ ସଭାପତି ବିନୋଦ ଟପ୍ପୋ, ଜିଲା ଯୁବ ସମ୍ପାଦକ ପିତାମ୍ବର ଜୟପୁରିଆ, ଗଙ୍ଗାଧର ମିଞ୍ଜ, ଅର୍ଜୁନ ଜୟପୁରିଆ, ଦେବାନନ୍ଦ ଲାକଡାଙ୍କ ସମେତ ବହୁ ସଂଖ୍ୟକ କର୍ମୀ ଉପସ୍ଥିତ ରହି ବିଭିନ୍ନ ବିଷୟ ନେଇ ଆଲୋଚନା କରିଥିଲେ। ବିଶେଷ ଭାବେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କିଭଳି ଭାବେ ଦଳକୁ ତୃଣମୂଳସ୍ତରରେ ଆହୁରି ସୁଦୃଢ଼ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କିପରି ଭାବରେ ଅଧିକରୁ ଅଧିକ ହିତାଧିକାରୀ ପରିବାର ସାମିଲ ହୋଇ ନୂଆ ସ୍ମାର୍ଟ କାର୍ଡ ମାଧ୍ୟମରେ ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ ସେନେଇ ଆଲୋଚନା ମଧ୍ୟ ହୋଇଥିଲା। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଆଗାମୀ ସୁନ୍ଦରଗଡ଼ ଗସ୍ତକୁ ସଫଳ କରିବା ପାଇଁ ବ୍ଲକ ସ୍ତରରେ ରୂପରେଖ ପ୍ରସ୍ତୁତ କରାଯାଇଥିଲା।

# ଥାନା କ୍ୱାର୍ଟର୍ସ ବାଲକୋନିରୁ ତଳକୁ ପଡ଼ି ମହିଳା ସବ୍‌ଇନ୍ସପେକ୍ଟର ସ୍ୱାମୀଙ୍କ ମୃତ୍ୟୁ

କୁତ୍ରା, ୧୮।୮(ଡି.ଏନ୍.ଏ.)

କୁତ୍ରା ଥାନା କଲୋନୀରେ ରହୁଥିବା ମହିଳା ସବ୍‌ଇନ୍ସପେକ୍ଟର ସୁଚିତ୍ରା ମହାନ୍ତିଙ୍କ ସ୍ୱାମୀ ଦୀପକ କୁମାର ମହାନ୍ତି (୬୪) ମଙ୍ଗଳବାର ରାତିରେ କ୍ୱାର୍ଟର୍ସ ବାଲକୋନିରୁ ତଳକୁ ଖସିପଡି ମୃତ୍ୟୁବରଣ କରିଛନ୍ତି। ଘଟଣାରୁ ଜଣାପଡିଛି ଯେ, ଦୀପକ ଗତରାତି ପ୍ରାୟ ୧୧ଟାରେ ଥାନା ନିକଟରେ ଥିବା କ୍ୱାର୍ଟର୍ସର ଦ୍ୱିତୀୟ ମହଲା ବାଲକୋନିରୁ ଅସାବଧାନତା କାରଣରୁ ତଳକୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିବାବେଳେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବୁଧବାର ରାଜଗାଙ୍ଗପୁରରେ ତାଙ୍କର ମୃତଦେହ ବ୍ୟବଚ୍ଛେଦ ପରେ ବେଦବ୍ୟାସକୁ ନିଆଯାଇ ସତ୍କାର କରାଯାଇଛି। ଏନେଇ କୁତ୍ରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ମା’ବାପା ଛେଉଣ୍ଡ ନାବାଳିକା ବେସାହାରା

- ସରକାରୀ ସହାୟତା ପାଇଁ ଜିଲାପାଳଙ୍କଠାରେ ଦାବି
- ପୂର୍ବରୁ ବାପାଙ୍କୁ ୨ମାସ ପୂର୍ବେ ମା’ଙ୍କୁ ହରାଇଲେ

ସୁନ୍ଦରଗଡ଼,୧୮।୮(ଡି.ଏନ୍.ଏ.)

ପୂର୍ବରୁ ବାପାଙ୍କୁ ହରାଇ ଥିଲେ। ଗତ ୨ମାସ ହେବ କରୋନା ମହାମାରୀରେ ମା’ଙ୍କୁ ହରାଇଲେ। ମା’ବାପା ଛେଉଣ୍ଡ ହୋଇ ପଡିଥିବା ସୁନ୍ଦରଗଡ ସହର ପତ୍ରାପଡା ଶିବ ମନ୍ଦିର ପାଖ ନୂଆପଡାର ୧୩ ବର୍ଷ ନାବାଳିକା ଏବେ ସମ୍ପୂର୍ଣ୍ଣ ବେସାହାରା ହୋଇ ପଡିଛନ୍ତି। କରୋନାରେ ମା’ ଚାଲିଯିବା ପରେ ବେସାହାରା ହୋଇ ପଡ଼ିଥିବା ଏହି ନାବାଳିକା ଏବେ ଅଜା ଘରେ ଆଶ୍ରୟ ନେଇଛନ୍ତି। ବାପା ଶୁକ୍ରୁ ବାଗ୍‌ଙ୍କ ମୃତ୍ୟୁ ପରେ ମାଆ ଶଶୀରେଖାଙ୍କୁ ମଧ୍ୟ କରୋନା ତାଙ୍କ ଠାରୁ ଛଡାଇନେବା ପରେ ଭଙ୍ଗା କୁଡ଼ିଆରେ ପଡ଼ିରହିଥିବା ସ୍ନେହାଙ୍କୁ ଅଜା ନିଜ ଘରକୁ ନେଇ ଆଶ୍ରୟ ଦେଇଥିଲେ। ଅଜାଙ୍କ ପରିବାର ମଧ୍ୟ ଗରିବ ଶ୍ରେଣୀର ହୋଇଥିବାରୁ ସ୍ନେହାର ଭବିଷ୍ୟତ ଅନିଶ୍ଚିତତା ଘେରରେ ରହିଛି। ଏ ସମ୍ପର୍କରେ ଖବରପାଇ ଡା. ହିମାଂଶୁ କୁମାର ଷଡଙ୍ଗୀ, ପ୍ରକାଶ କୁଜୁର, ସୁନୀଲ କୁମାର ମହାନନ୍ଦିଆ ଏହି ଅନାଥ ବାଳିକାଙ୍କ ପାଖରେ ପହଞ୍ଚି ସବୁ ବିଷୟ ବୁଝିବା ପରେ ତାଙ୍କୁ ନେଇ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ଭେଟି ଥିଲେ। ନାବାଳିକାଙ୍କ ପାଠପଢା ଓ ଚଳିବା ପାଇଁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା, ଆଶୀର୍ବାଦ ଯୋଜନାରେ ସାମିଲ୍ କରାଯିବା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଏହି ପ୍ରତିନିଧି ଦଳ ଦାବି କରିଥିଲେ। ଅତିରିକ୍ତ ଜିଲାପାଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ସହ ଆଶୀର୍ବାଦ ଯୋଜନାରେ ନାବାଳିକାଙ୍କୁ ସାମିଲ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ।


ପ୍ରତିନିଧି ଦଳ ସହ ନାବାଳିକା ଅତିରିକ୍ତ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

## ଛେଳି ଚୋରି ଅଭିଯୋଗରେ ୨ଗିରଫ

ଲୋଇସିଂହା,(ଡି.ଏନ.ଏ.): ଛେଳି ଚୋରି ଅଭିଯୋଗରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଆଗଲପୁର ବ୍ଲକ ନଅଗାଁ(ଖ)ର ସୁବ୍ରତ ଭତିଆ ଓ ହେମନ୍ତ ଭିତରିଆ। ଲୋଇସିଂହା ବ୍ଲକ ବାଦିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କୁଟୁରାପାଲି ଗାଁର ଶାନ୍ତି ସାହୁଙ୍କ ଛେଳି ମଙ୍ଗଳବାର ମଧ୍ୟାହ୍ନରେ ଘର ବାହାରେ ବନ୍ଧା ହୋଇଥିଲା। ଏହି ସମୟରେ ସୁବ୍ରତ ଓ ହେମନ୍ତ ଏକ ବାଇକରେ ଛେଳି ଧରି ଚମ୍ପଟ ମାରିଥିଲେ। ଛେଳି ଚୋରି ହୋଇଥିବା ଜାଣି ଶାନ୍ତି କେତେକ ଗ୍ରାମବାସୀଙ୍କ ସହ ସେମାନଙ୍କ ପିଛା କରିଥିଲେ। ଚୋରି ଛେଳିକୁ ଅଭିଯୁକ୍ତଦ୍ୱୟ ଘରେ ବାନ୍ଧିଥିବା ବେଳେ ଶାନ୍ତି ଚିହ୍ନଟ କରି ଲୋଇସିଂହା ଥାନାକୁ ଜଣାଇଥିଲେ। ଏହାପରେ ପୋଲିସ ନଅଗାଁ(ଖ)କୁ ଯାଇ ଛେଳି ଉଦ୍ଧାର କରିଥିଲେ।



## ସଂକ୍ଷେପରେ

### ଦାଦନ ଶ୍ରମିକଙ୍କ ମୃତ୍ୟୁ

ଲାଠୋର,୧୮।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବାଗ ପଡାର ଦାଦନ ଶ୍ରମିକ ରିଙ୍କୁ କିଶାନ(୨୨)ଙ୍କ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ସେ ଜ୍ୱରରେ ପୀଡିତ ଥିଲେ। ରିଙ୍କୁଙ୍କ ମୃତ୍ୟୁ ପରେ ତାଙ୍କ ଗର୍ଭବତୀ ସ୍ତ୍ରୀ ନିଳାଦ୍ରି(୨୨)ଓ ପୁଅ ନରସିମା(୨) ବେସାହାରା ହୋଇ ଯାଇଛନ୍ତି। ପ୍ରତିବର୍ଷ ରିଙ୍କୁ ପରିବାର ସହ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିଲେ। କିଛି ଦିନ ତଳେ ତାଙ୍କୁ ଜ୍ୱର ହୋଇଥିଲା। କ୍ୱାକଙ୍କ ପାଖରେ ଚିକିତ୍ସିତ ହୋଇଥିଲେ। ହେଲେ ମଙ୍ଗଳବାର ତାଙ୍କ ଅବସ୍ଥା ଗୁରୁତର ହେବାରୁ ଗ୍ରାମରେ ଥିବା ଜଣେ ଡାକ୍ତରଙ୍କୁ ଦେଖାଇ ଥିଲେ। ରକ୍ତ ପରୀକ୍ଷା ପରେ ତାଙ୍କୁ ମ୍ୟାଲେରିଆ ହୋଇଥିବା ଜଣା ପଡିଥିଲା। ଚିକିତ୍ସା ପାଇଁ ତୁରନ୍ତ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ଡାକ୍ତର କହିଥିଲେ। ହେଲେ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇ ପାରି ନ ଥିଲେ। ରାତିରେ ହିଁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। କ୍ୱାକଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ରିଙ୍କୁଙ୍କ ଜୀବନ ଚାଲିଗଲା ବୋଲି ଅଭିଯୋଗ କରିଛନ୍ତି ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ।

### ନଦୀରୁ ବୃଦ୍ଧା ଉଦ୍ଧାର

ବାଉଁଶୁଣୀ,୧୮।୮(ଡି.ଏନ.ଏ.): ବୁଧବାର ମହାନଦୀରେ ଭାସି ଯାଉଥିବା ଜଣେ ବୃଦ୍ଧାଙ୍କୁ ବୌଦ୍ଧ ବ୍ଲକ ବହିରା ଗ୍ରାମ ପଞ୍ଚାୟତ ତେନ୍ତୁଳିପାଲି ନିକଟ ମହାନଦୀରୁ ଉଦ୍ଧାର କରାଯାଇଛି। ସେ ଗୁନ୍ଦୁଲିଆ ଗ୍ରାମର ପାର ନାୟକ(୬୫) ବୋଲି ଜଣାଯାଇଛି। ପାର ତେନ୍ତୁଳିପାଲି ଗ୍ରାମର ସଂସାର ନାୟକଙ୍କୁ ବିବାହ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ନିଜ ପୈତୃକ ଗ୍ରାମ ଗୁନ୍ଦୁଲିଆକୁ ଚାଲି ଯାଇଥିଲେ। ବୁଧବାର ସକାଳ ସାଢେ ୯ଟା ସମୟରେ ପାର ମହାନଦୀରେ ଭାସି ଆସୁଥିବା ଦେଖି ତାଙ୍କୁ ତେନ୍ତୁଳିପାଲି ଗାଁର ଜମ୍ଭେଶ୍ୱର ସେଠୀ ଓ ଦିଲୀପ ବେହେରା ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବାଉଁଶୁଣି ମେଡ଼ିକାଲ ନେଇଥିଲେ। ବୃଦ୍ଧା ଜଣକ ତେନ୍ତୁଳିପାଲି ଗ୍ରାମରେ ରହୁ ନ ଥିବା ବେଳେ କେମିତି ସେହି ଗ୍ରାମ ନିକଟରୁ ଉଦ୍ଧାର ହେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେ ଅଚେତ ଥିବା ହେତୁ କୌଣସି ସୂଚନା ମିଳି ପାରିନାହିଁ । ଉଦ୍ଧାର କରିଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।

### କୋରେକ୍ସ ଜବତ, ଜଣେ ଗିରଫ

ଖପ୍ରାଖୋଲ,୧୮।୮(ଡି.ଏନ.ଏ.): ଖପ୍ରାଖୋଲ ଥାନା ପାଟିମାଲ ଗାଁ ନିକଟରେ ୮ ବୋତଲ କୋରେକ୍ସ ସହ ଜଣଙ୍କୁ ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ କଟାପାଲି ଗାଁର ରିଙ୍କୁ ବରିହା(୨୫)। ଖପ୍ରାଖୋଲ ପୋଲିସ୍ ପାଟ୍ରୋଲିଂ ବେଳେ ଜଣଙ୍କୁ ସନ୍ଦେହ କରି ତନଖି କଲାବେଳେ ତାଙ୍କଠାରୁ ୮ ବୋତଲ କୋରେକ୍ସ ଜବତ ହୋଇଥିଲା। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା (ନଂ ୧୧୯/୨୧)ରୁଜୁ ହୋଇଛି।

### ପ୍ରକଳ୍ପର ଲୋକାର୍ପଣ ସମାରୋହ

ପଦ୍ମପୁର,୧୮।୮(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଯୋଗଦେଇ ଭେଉଁରିଆ ଛକରେ ସୁଲଭ ଶୌଚାଳୟ, କପସିଲା କଲ୍ୟାଣ ମଣ୍ଡପ, ୱାର୍ଡ଼ ନଂ-୮ରେ ମୋ ଖତ ପ୍ରସ୍ତୁତି ପ୍ରକଳ୍ପକୁ ଲୋକାର୍ପିତ କରିଥିଲେ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ଜୟନ୍ତ ସାହୁ, ଗୋଷ୍ଠୀ ସଂଯୋଜିକା ଚିତ୍ରୋତ୍ପଳା ମେହେର, ପୂର୍ବତନ ଏନଏସି ଅଧ୍ୟକ୍ଷ ପ୍ରୀତମ ମେହେର, ଭୋଜରାଜ ସିଂ ବରିହା ପ୍ରମୁଖ ଉପସ୍ଥିତ ଥିଲେ ।

### ବ୍ଲକସ୍ତରୀୟ ସଂସ୍କୃତ ଦିବସ ପାଳିତ

ବରଗଡ଼ ଅଫିସ୍,୧୮।୮: ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ସତୀହାରୀ ବାଳିକା ହାଇସ୍କୁଲରେ ବ୍ଲକସ୍ତରୀୟ ସଂସ୍କୃତ ଦିବସ ପାଳିତ ହୋଇଛି । ଦୁର୍ବାସା ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଗସ୍ତି ପ୍ରଧାନ ସଂଯୋଜନା କରିଥିଲେ। ନିଖିଳ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ଯୁଗ୍ମ ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷାର ମହନୀୟତା ପ୍ରତିପାଦନ କରିଥିଲେ। ଏହି ଅବସରରେ ବୋଧରାମ ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗିରିଧାରୀ ଯୋଶୀ, ଘନଶ୍ୟାମ ପଣ୍ଡା, ସେବାକର ମେହେର, ସରୋଜ ଦାସ ଉପସ୍ଥିତ ରହି ସଂସ୍କୃତ ଭାଷାର ସୁରକ୍ଷା ଉପରେ ଆଲୋଚନା କରିଥିଲେ। କରୋନାରେ ପ୍ରାଣ ହରାଇଥିବା ସଂସ୍କୃତ ଶିକ୍ଷକ ସ୍ୱର୍ଗତ ତୀର୍ଥବାସୀ ସାହୁଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା।

# ପଲିଥିନ ଢଙ୍କା କୁଡ଼ିଆରେ ଦିନ ବିତୁଛି

- ଏସଇସିସି ତାଲିକାରେ ଥାଇ ବି ମିଳିନି ଆବାସ ଯୋଜନାରେ ଘର
- ଆଲଟମେଣ୍ଟ ଆସିଲେ ଯୋଗାଇ ଦିଆଯିବ: ପିଇଓ

କେସିଙ୍ଗା,୧୮।୮(ଡି.ଏନ.ଏ.)


ପଲିଥିନ ଢଙ୍କା ଝାଟିମାଟି ଘର ସାମନାରେ ସ୍ତ୍ରୀଙ୍କ ସହ ଚତୁର ମାଝି।

ସମସ୍ତଙ୍କୁ ମିଳିବ ସର୍ବନିମ୍ନ ଆବଶ୍ୟକତା। କେହି ଭୋକିଲା ରହିବେ ନାହିଁ। ମୁଣ୍ଡ ଉପରେ ଥିବ ପକ୍କାଘର। ସରକାରୀ ଭାବେ ଏଭଳି କୁହାଯାଉଛି। ହେଲେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କିକିଆ ପଞ୍ଚାୟତ ଅଧୀନ ଗୁହୁରିଆପଦର ଗ୍ରାମର ଚତୁର ମାଝି (୬୦)ଙ୍କ ପାଖରେ ଏସବୁ ଯେମିତି ଅପହଞ୍ଚ ହୋଇ ରହିଛି। ଗତ ୨୦ବର୍ଷ ହେଲା ସେ ଏକ ପଲିଥିନ ଢଙ୍କା କୁଡିଆରେ ପରିବାର ସହ ରହୁଛନ୍ତି। ବର୍ଷାଦିନେ ଏହି କୁଡିଆର ଅବସ୍ଥା ସଙ୍ଗୀନ ହୋଇଯାଇଛି। ପୁରୁଣା ହୋଇଯାଇଥିବା ପଲିଥିନ ଫାଟି ଘର ଭିତରେ ବର୍ଷା ପାଣି ପଶୁଛି। ଏସଇସିସି ତାଲିକାଭୁକ୍ତ ହୋଇ ବି ତାଙ୍କୁ ଆବାସ ଯୋଜନାରେ ଘର ମିଳିନାହିଁ। ଏଥିପାଇଁ ପଞ୍ଚାୟତ ଅଫିସରୁ ବ୍ଲକ କାର୍ଯ୍ୟାଳୟ ଯାଏ ଦୌଡି ସେ ନିରାଶ ହୋଇଛନ୍ତି। ଏବେ ଭଗବାନଙ୍କ ଭରସାରେ ସବୁକିଛି ଛାଡି ଦେଇଥିବା ଦୁଃଖର ସହ କହିଛନ୍ତି ଚତୁର।

ଚତୁରଙ୍କ ଥିଲା ବେଶ ହସଖୁସିର ପରିବାର। ମୂଲ ମଜୁରି କରି ପରିବାର ପୋଷଣ ସେ କରୁଥିଲେ। ଦୁଇ ବଡପୁଅ ଏବେ ବିବାହ କରି ପରିବାର ସହ ଅଲଗା ରହୁଛନ୍ତି। ସାନପୁଅ ମେଘନାଦ (୨୫) ଓ ସ୍ତ୍ରୀ ଗୌରୀ (୫୫)ଙ୍କୁ ନେଇ ସେ ଗାଁରେ ରହୁଛନ୍ତି। ଏବେ ବର୍ଷାରତୁ ହୋଇଥିବାରୁ ତାଙ୍କ ଝାଟିମାଟି ଘର ଭିଜି ଭାଙ୍ଗିବା ଅବସ୍ଥାରେ ରହିଛି। ସାମାନ୍ୟ ବର୍ଷାରେ ଘରେ ପାଣି ଠିଆ ହେଉଛି। ପଲିଥିନ ଖଣ୍ଡେ କିଣିବା ପାଇଁ ତାଙ୍କ ପାଖରେ ଅର୍ଥନାହିଁ। ଖାଦ୍ୟ ସୁରକ୍ଷା ଯୋଜନାରେ ମାସିକ ୧୫କେଜି ଚାଉଳ ମିଳୁଛି। ଏବେ ସେ କାମଧନ୍ଦା କରି ପାରୁ ନାହାନ୍ତି। ମେଘନାଦ ମୂଲ ଲାଗି ଯାହା ରୋଜଗାର କରୁଛନ୍ତି ସେଥିରୁ ଘର ଚଳୁଛି। ଏପରିସ୍ଥଳେ ଘର ତିଆରି କରିବା ତାଙ୍କ ପାଖରେ ସମ୍ଭବ ହେଉନାହିଁ। ଏପଟେ ଆବାସ ଯୋଜନାରେ ଘରଟିଏ ମଧ ମିଳି ପାରୁନାହିଁ। ଏ ନେଇ କିକିଆ ପଞ୍ଚାୟତ ନିର୍ବାହ ଅଧିକାରୀ(ପିଇଓ) ଶୁଭ୍ରାଂଶୁ ମିଶ୍ରଙ୍କୁ ପଚାରିବାରୁ ଗୁହୁରିଆପଦର ଗ୍ରାମର ବହୁ ବ୍ୟକ୍ତି ଆବାସ ଯୋଜନାରେ ଘର ପାଇବା ପାଇଁ ଯୋଗ୍ୟ। ଏଥିପାଇଁ ୨୦୨୦ ଫେବୃୟାରୀରେ ପଞ୍ଚାୟତରେ ୨୨୦ଜଣ ଆବେଦନ କରିଛନ୍ତି। ଆଲଟମେଣ୍ଟ ଆସିଲେ ଆବେଦନକାରୀଙ୍କୁ ଘର ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ପାନୀୟଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ


ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପାନୀୟଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଦେଖୁଛନ୍ତି।

ବରଗଡ଼ ଅଫିସ୍/ବରପାଲି,୧୮।୮

ବରଗଡ଼ ଜିଲା ବରପାଲି ବ୍ଲକ କୁଶନପୁରୀଠାରେ ବୃହତ୍ ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବୁଧବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଭେଡ଼େନ ମହୁଲପାଲି ନିକଟରେ ବହିଯାଇଥିବା ମହାନଦୀରୁ ଜଳ ବିଶୋଧନାଗାର କରାଯାଇ ପାଇପ୍ ଯୋଗେ ବରପାଲି ଓ ଭେଡ଼େନ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଉଚ୍ଚ କ୍ଷମତା ସମ୍ପନ୍ନ ଓଭରହେଡ୍ ଟାଙ୍କି ଦ୍ୱାରା ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ବିଧାୟକ ଆଚାର୍ଯ୍ୟ ସୂଚନା ଦେଇଥିଲେ। କୁଶନପୁରୀ ଗ୍ରାମବାସୀ ଗ୍ରାମର ବିଭିନ୍ନ ସମସ୍ୟା ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ତାର ସମାଧାନ କରାଯିବ ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ। ଜିଲା ପରିଷଦ ସଭ୍ୟ ଜୟଦେବ ଗଡ଼ତିଆ, ପୂର୍ବତନ ସରପଞ୍ଚ ଭକ୍ତ ଷଣ୍ଢ, ପୂର୍ବତନ ଜିଲା ପରିଷଦ ସଭ୍ୟ ଚୂଡ଼ାମଣି ରାୟ, ଲେଣ୍ଡା ସରପଞ୍ଚ ରବି ସାହୁ, ସ୍ଥାନୀୟ ସରପଞ୍ଚ ଚତୁର୍ଭୁଜ ନାଗ, ଦୁର୍ଲ୍ଲଭ ବେହେରା, କିଶୋର ରଣା, ଗୋବିନ୍ଦ ମେହେର, ସୁଦାମ ମେହେର, ଲିଙ୍ଗ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଏଡ୍ସ, ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଦେଓଗାଁ,୧୮।୮(ଡି.ଏନ.ଏ )

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରେଡରିବନ କ୍ଲବ ଦ୍ୱାରା ନ୍ୟୁ ଇଣ୍ଡିଆ ଏଟ ୭୫ର ଏଚଆଇଭି, ଯକ୍ଷ୍ମା ଓ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ଅଚ୍ୟୁତରାମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ ସଂଯୋଜନା କରିଥିଲେ । କାଉନ୍ସେଲର ଅଧ୍ୟାପକ ଦୁର୍ବାଦଳ ଘିଭେଲା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ କାର୍ତ୍ତିକ ମେହେର, ଲିଲିମା ସାମଲ, ଦତ୍ତାତ୍ରେୟ ଥନାପତି, ରାଜା ମେହେର, ସୁଜାତା ସାହୁ, ବୀଣାପାଣି ଭଣ୍ଡା, ରବିନା ନାଗ, କନିକା ଦୀପ, ଭୀମ ମେହେର, ମେହକାରାଣୀ ବାରିକ, ରିତୁ ହରପାଲ, ଗିରିଜା ଶଙ୍କର ଥନାପତି, ପଞ୍ଚାନନ ନନ୍ଦ ପ୍ରମୁଖ ଭାଗ ନେଇଥିଲେ। ଅଧ୍ୟାପକ ଧୋବେଇ ଚରଣ ପଟେଲ, ଗୋବିନ୍ଦ ମେହେର, ପ୍ରଶାନ୍ତ କୁମାର ଥାନାପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଟିକାକେନ୍ଦ୍ରରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ ଘଟଣା: ୨ ଗିରଫ

ଲୋଇସିଂହା,୧୮।୮(ଡି.ଏନ.ଏ)

ଲୋଇସିଂହା ବ୍ଲକ ତଥା ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ କୁଶମେଲ ଟିକାକେନ୍ଦ୍ରରେ ଉନ୍ମତ୍ତ କାଣ୍ଡ ଭିଆଇବା ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖଲିଆପାଲିର ମିଥୁନ ଭୁଏ ଓ ବିମଳ ଦୀପ। ପୋଲିସ ସୂଚନା ମତେ, କୁଶମେଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୧୨ତାରିଖ ଟିକାକରଣ ଚାଲିଥିବାବେଳେ ମିଥୁନ ଓ ବିମଳ ସେଠାକୁ ଆସି ସେମାନଙ୍କୁ କରୋନା ଟିକା ଦେବାକୁ ଦାବି କରିଥିଲେ। ସେହିଦନ ପାଇଁ ଟିକେଟ ବଣ୍ଟନ ସରିଯାଇଥିବା ଉପସ୍ଥିତ କର୍ମଚାରୀ କହିଥିଲେ। ଏହାସତ୍ତ୍ୱେ ସମ୍ପୃକ୍ତ ଯୁବକଦ୍ୱୟ ସେଠାରେ ନିୟୋଜିତ ସ୍ୱାସ୍ଥ୍ୟକର୍ମଚାରଙ୍କ ସହ ଯୁକ୍ତିତର୍କ ସହ ଗାଳିଗୁଲଜ କରିଥିଲେ। ଘଟଣା ସଂକ୍ରାନ୍ତରେ ବ୍ଲକ କୋଭିଡ ନୋଡାଲ ଅଫିସର ତଥା ବିଡିଓ ରାମଚନ୍ଦ୍ର ଖାର୍ଡିଆ ସଦର ଥାନା ଆଇଆଇସିଙ୍କୁ ଜଣାଇଥିଲେ। ଏହାବାଦ ଗତ ୧୪ ତାରିଖରେ କେନ୍ଦ୍ରରେ ନିୟୋଜିତ ସ୍ୱାସ୍ଥ୍ୟ କର୍ମୀମାନେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏ ନେଇ ଥାନାରେ ଏକ ମାମଲା(ନଂ.୨୨୭/୨୧) ରୁଜୁହୋଇଥିଲା।

## ବନ ସୁରକ୍ଷା ସମିତିରେ ଦୁର୍ନୀତି ଅଭିଯୋଗ

ବାଉଁଶୁଣି,୧୮।୮(ଡି.ଏନ.ଏ.)

**ତଦନ୍ତ ଦାବି**

ବୌଦ୍ଧ ବନଖଣ୍ଡ ଅନ୍ତର୍ଗତ ମନମୁଣ୍ଡା ରେଞ୍ଜ ଅଞ୍ଚଳରେ ଥିବା ବନ ସୁରକ୍ଷା ସମିତିଗୁଡିକୁ ଆସିଥିବା ଅର୍ଥ ହେରଫେର ନେଇ ନୂଆ ନୂଆ ତଥ୍ୟ ଲୋକଲୋଚନକୁ ଆସିବାରେ ଲାଗିଛି। ଉକ୍ତ ରେଞ୍ଜ ଅନ୍ତର୍ଗତ ଗୁନ୍ଦୁଲିଆ ସେକ୍ସନର ଭରୁଆ ଓ ଲୁମୁରଜେନା ବନ ସୁରକ୍ଷା ସମିତିର ଜମାଖାତାରୁ ଲକ୍ଷ ଲକ୍ଷ ଟଙ୍କା ଉଠାଣ କରି ଆତ୍ମସାତ କରାଯାଇଛି। ଏହା ଲୋକଲୋଚନକୁ ଆସିବା ପରେ ଘଟଣାକୁ ଚପାଇ ଦେବା ପାଇଁ ପୁନର୍ବାର ଖାତାରେ ଟଙ୍କା ବାନ୍ଧି ଦିଆଯାଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ବାଉଁଶୁଣି ଭାରତୀୟ ଷ୍ଟେଟ ବ୍ୟାଙ୍କ ଭରୁଆ ଭି.ଏସ.ଏସ. ଜମାଖାତାରେ ୨୭୧୯୬୪ ଟଙ୍କା ଓ ଲୁମୁରଜେନା ଭି.ଏସ.ଏସ.ର ଜମାଖାତାରେ ୩୩୨୪୪୮ ଟଙ୍କା ପୂର୍ବରୁ ଦାୟିତ୍ୱରେ ଥିବା ଜଣେ ଅଧିକାରୀ ବ୍ୟକ୍ତିଗତ ଭାବେ ତା ୧୯. ୦୭. ୨୦୨୧ ରେ ଜମା କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଜମାଖାତାରୁ କାହିଁକି ଅର୍ଥ ଉଠାଣ କରି କିଏ ନିଜ ହାତରେ ରଖିଥିଲେ ଓ କାହା ନିର୍ଦ୍ଦେଶରେ କାହିଁକି ଜମା କରାଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଗୁନ୍ଦୁଲିଆ ସେକ୍ସନ ନୁହେଁ ମନମୁଣ୍ଡା ରେଞ୍ଜ ଅନ୍ତର୍ଗତ ସମସ୍ତ ସେକ୍ସନର ବନ ସୁରକ୍ଷା ସମିତିରେ ଏଭଳି ଅନେକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବୌଦ୍ଧ ବନଖଣ୍ଡ ଅନ୍ତର୍ଗତ ସମସ୍ତ ରେଞ୍ଜ ଓ ସେକ୍ସନର ଏମଜିଏନଆରଇଜିଏସ, ଜାଇକା ଆଦି ଯୋଜନାରେ ଆସିଥିବା ଅନୁଦାନ ଓ ଖର୍ଚ୍ଚର ସ୍ୱତନ୍ତ୍ର ଅଡିଟ କରାଯିବାକୁ ବୌଦ୍ଧ ଜନ ଅଧିକାର ସୁରକ୍ଷା ମଞ୍ଚ ଦାବି କରିଛି ।

## ଥାନାର ଦ୍ୱାରସ୍ଥ ହେଲେ ଚାଷୀ


ଥାନାକୁ ଫେରାଦ ହେବାକୁ ଆସିଥିବା ଚାଷୀମାନେ।

ଖପ୍ରାଖୋଲ,୧୮।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବୁଡିବାହାଲ ଗାଁର ସବିତା ସାହୁ ଏବଂ ମଞ୍ଜୁଳା ପଧାନଙ୍କ ପୈତୃକ ଜମିରେ ଅନ୍ୟ କେହି କୃଷି ବୀମା କରାଇ ନେଇଥିବା ନେଇ ବୁଧବାର ଖପ୍ରାଖୋଲ ଥାନାରେ ଅଭଯୋଗ ହୋଇଛି। ବୁଧବାର ଅଭିଯୋଗକାରୀଙ୍କ ସହ ବୁଡିବାହାଲ ଗ୍ରାମବାସୀ ଥାନାକୁ ଯାଇ ଏହି ଘଟଣାରେ ସମ୍ପୃକ୍ତ ନକଲି ଚାଷୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ପରେ ସେମାନେ ତହସିଲ ଏବଂ କୃଷି କାର୍ଯ୍ୟାଳୟକୁ ଯାଇ ଏ ନେଇ ଫେରାଦ ହୋଇଛନ୍ତି। ଏ ନେଇ ଥାନା ଅଧିକାରୀ ରମାକାନ୍ତ ସାହୁଙ୍କୁ ପଚାରିବାରୁ କୃଷି ବିଭାଗରୁ ନକଲି ଚାଷୀଙ୍କ ସମ୍ପର୍କରେ ତଥ୍ୟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ସ୍କୁଲ ପରିଦର୍ଶନ କଲେ ଏଡିଇଓ

ବରଗଡ଼ ଅଫିସ୍,୧୮।୮

ବରଗଡ଼ ବ୍ଲକ ଧାଙ୍ଗେର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବୁଧବାର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ(ଏଡ଼ିଇଓ) ଜ୍ୟୋତିକାନ୍ତ ସାହୁ ଅଚାନକ ପରିଦର୍ଶନରେ ଯାଇଥିଲେ। ପାଠପଢ଼ା ପରିଦର୍ଶନ କରିବା ସହିତ ବିଭିନ୍ନ ଯୋଜନାରେ ଆସିଥିବା ଅନୁଦାନ ଖର୍ଚ୍ଚ ହୋଇପାରି ନ ଥିବା ସେ ଜାଣିବାକୁ ପାଇଥିଲେ। ଅନୁଦାନର ସଠିକ୍ ବିନିଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହା ସହିତ ଅନୁଦାନ ସମ୍ପର୍କୀତ ସମସ୍ତ କାଗଜପତ୍ର ଧରି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଲୋଭାଦିନୀ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଜ୍ଞାନ ଶିକ୍ଷକ ପରିତୋଷ ପାଢ଼ୀଙ୍କ ଶ୍ରେଣୀଗୃହ ପାଠ୍ୟଦାନକୁ ଏଡ଼ିଇଓ ସାହୁ ନିରୀକ୍ଷଣ କରିଥିଲେ।

## ୫ହୃଦ୍‌ରୋଗୀ ଶିଶୁ ଚିକିତ୍ସା ପାଇଁ ହାଓଡ଼ା ଗଲେ

ବରଗଡ଼ ଅଫିସ୍,୧୮।୮



ଜିଲା ମୁଖ୍ୟ ଚିକିତ୍ସାଳୟରୁ ଅଭିଭାବକମାନେ ଶିଶୁଙ୍କୁ ଧରି ହାଓଡ଼ା ଅଭିମୁଖେ ବାହାରୁଛନ୍ତି।

ବରଗଡ଼ ଜିଲାର ୫ହୃଦରୋଗୀ ଶିଶୁଙ୍କୁ ବିନାମୂଲ୍ୟରେ ଚିକିତ୍ସା ଏବଂ ଅସ୍ତ୍ରୋପଚାର ପାଇଁ ବୁଧବାର ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଶ୍ଚିମବଙ୍ଗ ରାଜ୍ୟ ହାଓଡ଼ାସ୍ଥିତ ନାରାୟଣ ସୁପର ସ୍ପେଶିଆଲିଟି ହସ୍ପିଟାଲ (ଏନଏସଏଚ୍)କୁ ପଠାଯାଇଛି। ସମ୍ପୃକ୍ତ ଶିଶୁମାନେ ହେଲେ ବରଗଡ଼ ବ୍ଲକ ଧାଙ୍ଗେରର ଆପ୍‌ସା ନାଗ(୩), ବିଜେପୁର ବ୍ଲକ ସାଥୁଣ୍ଡର ଶ୍ରୀୟା ମେହେର(୩ମାସ), ବରଗଡ଼ ବ୍ଲକ ବରଗାଁର ଆସମାନୀ ବାଗ(୧୧ମାସ), ଅତାବିରା ବ୍ଲକ ଜାଙ୍ଗେଡ଼ ଗ୍ରାମର ରିସିକା ବାଘ(୯ମାସ) ଏବଂ ବରପାଲି ବ୍ଲକ ଅଇଁଠାପାଲି ଗ୍ରାମର ପିଙ୍କି ସାହୁ(୩)। ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆରବିଏସକେ) ଯୋଜନାରେ ସମ୍ପୃକ୍ତ ଶିଶୁଙ୍କୁ ଏଭଳି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶିଶୁଙ୍କ ସହିତ ବିଜେପୁରର ଆୟୁଷ ଡାକ୍ତର ଡା. ଲିଙ୍ଗରାଜ ଦାଶ, ଫାର୍ମାଶିଷ୍ଟ ଚୂଡ଼ାମଣି ଦେବତା ଏବଂ ଶିଶୁଙ୍କ ଅଭିଭାବକମାନେ ଯାଇଛନ୍ତି।

## ବର୍ଷାରେ ଭାଙ୍ଗିଗଲା ବୃଦ୍ଧାଙ୍କ ଘର, ସହାୟତା ଦାବି

ଅମରପାଲି,୧୮।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥର ଗ୍ରାମର କିଶୋରୀ ମହାକୁର ରହୁଥିବା ମାଟି ଘର ମଙ୍ଗଳବାର ହୋଇଥିବା ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଫଳରେ ସେ ଏବେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି। ଆବାସ ଯୋଜନାରେ ଘର ଯୋଗାଇ ଦେବା ପାଇଁ ସେ ଆବେଦନ କରିଥିଲେ ମଧ ତାଙ୍କୁ ସାମିଲ କରାଯାଇ ନାହିଁ। ଏପରି କି କିଶୋରୀ ୭୫ ବର୍ଷ ବୟସରେ ପଦାର୍ପଣ କରିଥିଲେ ହେଁ ଏ ଯାଏ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ସରକାର ଆବାସ ଯୋଜନାରେ ପକ୍କା ଘର ଦେଉଥିବା ବେଳେ ତଳସ୍ତରର ଅଧିକାରୀ ଓ ଜନପ୍ରତିନିଧିଙ୍କ ଅବହେଳା ଯୋଗୁ ଏଭଳି ଅସହାୟଙ୍କୁ ଯୋଜନାରେ ସାମିଲ କରାଯାଉ ନ ଥିବା ବିଭାଗର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଶୋରୀଙ୍କୁ ଯଥାଶୀଘ୍ର ଘର ଭଙ୍ଗା ସହାୟତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବାକୁ ଦାବି ହେଉଛି ।

## ପଶ୍ଚିମ ଓଡ଼ିଶା ଜେସିବି ଚାଳକ ସଂଘ ବୈଠକ



ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।

ଲୋଇସିଂହା,୧୮।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ପଶ୍ଚିମ ଓଡିଶା ଜେସିବି ଚାଳକ ସଂଘର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦିଲୀପ ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପଶ୍ଚିମ ଓଡିଶା ସଂଘ ସଭାପତି ସିଅଲ ମହାରଣା, ରଞ୍ଜନ କୁମାର ଦୋରା, ଦୀପକ ପ୍ରସାଦ ସାହୁ, ଆଦିତ୍ୟ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜିଲା ଗାଡି ଚାଳକଙ୍କ ବିବିଧ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସେମାନଙ୍କ ମଧ୍ୟରେ ଏକତା ସ୍ଥାପନ ଓ ସୁସମ୍ପର୍କ ରହିବ ଉପରେ ଆଲୋଚନା କରାଯାଇଥିଲା । ପରବର୍ତ୍ତୀ ସମୟରେ ଜିଲାସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା।

## ଜିଲାପାଳଙ୍କ ଅଫିସକୁ ଧସେଇ ପଶିଲେ କ୍ଷତିଗ୍ରସ୍ତ

**ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ**

- ବିସ୍ଥାପିତଙ୍କୁ କ୍ଷତିପୂରଣ ପ୍ରଦାନ ଦାବି ଜୋର ଧରିଲା
- କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା

ନୂଆପଡ଼ା ଅଫିସ,୧୮।୮



ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଆନ୍ଦୋଳନକାରୀମାନେ ପଶୁଛନ୍ତି।

ନୂଆପଡା ଜିଲା ଖଡିଆଳ ଓ କୋମନା ମଧ୍ୟ ଭାଗରେ ନିର୍ମିତ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ବିସ୍ଥାପିତଙ୍କୁ କ୍ଷତିପୂରଣ ପ୍ରଦାନ ଦାବି ପୁଣି ଜୋର ଧରିଛି। ବୁଧବାର କ୍ଷତିପୂରଣ ପ୍ରଦାନ ଦାବିରେ ବିସ୍ଥାପିତମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ। ଦାବି ପୂରଣ ନ ହେବା ଯାଏ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଅଡି ବସିଛନ୍ତି। ଖବର ଲେଖା ହେବା ଯାଏ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା ଲାଗି ରହିଛି। ଦୀର୍ଘ ଦିନରୁ କ୍ଷତି ପୂରଣ ପାଇଁ ଅନେକ ଥର ଦାବି କରିବା ପରେ ମଧ୍ୟ କୌଣସି ସମସ୍ୟା ସମାଧାନ ନ ହେବାରୁ ଶେଷରେ ବୁଧବାର ଶତାଧିକ ବିସ୍ଥାପିତ ଜିଲାପାଳଙ୍କୁ ଦୁଃଖ ଲଣାଇବାକୁ ଆସି ଭିତରକୁ ଧସେଇ ପଶି ଜିଲାପାଳଙ୍କ ଚ୍ୟାମ୍ବର ସାମନାରେ ଧାରଣାରେ ବସିଥିଲେ। ପୋଲିସ ୧୫ଜଣ ଆନ୍ଦୋଳନକାରୀଙ୍କୁ ଉଠାଇ ନେଇଛି। ବିସ୍ଥାପିତ ଅନେକ ପରିବାର କାଲିମାଟି, ବୋଡାଛାପର, ଡୁମେରବାହାଲ, ଦରଗାଁ, ରଜନା, କୋନାବିରା, କୋଟାମାଲ, ବୋଲଧା, ସୋଲବନ୍ଧ, ଆଗ୍ରେନ, ସନବାହାଲି ଆଦି ଗାଁରେ ବାସ କରୁଛନ୍ତି। ସେମାନଙ୍କୁ ଏଯାଏ ସରକାର ଆବଶ୍ୟକ କ୍ଷତିପୂରଣ ଦେଇନାହାନ୍ତି। ୨୦୧୭ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଯୋଗ୍ୟ ହିତାଧିକାରୀଙ୍କ ଥଇଥାନ ସହାୟତା ରାଶି ସରକାରଙ୍କ ନିକଟରେ ମଞ୍ଜୁର ସକାଶେ ସ୍ଥଗିତ ଥିବା ସମୁଦାୟ ଅଞ୍ଚଳର ପ୍ରାୟ ୮ଶହ ପରିବାରଙ୍କୁ ମଞ୍ଜୁର କରି ତୁରନ୍ତ ପୈଠ କରାଯାଉ। ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁର୍ନବାସ ଓ ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆବେଦନ କରାଯାଇଥିବା ନୂତନ ଯୋଗ୍ୟ ହିତାଧିକାରୀଙ୍କ ଥଇଥାନ ତାଲିକା ପ୍ରସ୍ତୁତ କରି ମଞ୍ଜୁର ନିମନ୍ତେ ସରକାରଙ୍କ ନିକଟକୁ ଶୀଘ୍ର ପଠାଇବାକୁ ଦାବି କରାଯାଇଛି ।